

ଆଜି ମଙ୍ଗଳବାର ତେଣୁ ନିତ୍ୟକର୍ମ ସାରି ସକାଳ ନଅ'ଟା ସୁଦ୍ଧା ମେଡ଼ିକାଲରେ ପହଞ୍ଚିବାକୁ ପଡ଼ିବ । ପତ୍ନୀ ସୁଜାତା କ୍ୱାଟର ପାଖକୁ ଲାଗି ଗୋଟେ ଇଂରାଜୀ ମିଡ଼ିୟମ୍ ସ୍କୁଲରେ ଟିଚରସିପ୍ କରୁଛନ୍ତି । ଝିଅ ସିଫନ୍‌କୁ ମୋଟେ ଦୁଇବର୍ଷଁ । ତାକୁ ଘରେ ସକାଳ ଆଠଟାରୁ ଦୁଇଟା ପର୍ଯ୍ୟନ୍ତ ରଖିବାର ଦାୟିତ୍ୱ ଶ୍ରୀମୟଙ୍କର ମା'ଙ୍କର, ବାପା ବର୍ଷକ ତଳେ ଏକ ରାସ୍ତା ଦୁର୍ଘଟଣାରେ ପ୍ରାଣ ତ୍ୟାଗ କରିଥିଲେ । ସେଇଦିନ ଠାରୁ ସିଫନ୍ ହିଁ ଥିଲା ତାଙ୍କ ମା'ଙ୍କ ପାଇଁ ଟାଇମ୍ ପାସ୍ କରିବାର ଏକ ସୁନ୍ଦର ମାଧ୍ୟମ । ସିଫନ୍‌ର ପ୍ରତ୍ୟେକ ଅଳି ଅର୍ଦ୍ଦଳିକୁ ହସି ହସି ସହି ଯାଉଥିଲେ ସେ । ଦୁହେଁ ଦୁହିଁଙ୍କୁ ଗୋଟିଏ ମୁହୂର୍ତ୍ତ ଛାଡ଼ି ରହି ପାରୁ ନଥିଲେ । ଏମିତିରେ ଶ୍ରୀମୟ ଓ ସୁଜାତା ନିଜ ନିଜର ଚାକିରି ଓ ଲାଇଫ୍‌କୁ ନେଇ ଖୁବ୍ ବ୍ୟସ୍ତ ରହୁଥିଲେ । ସେମାନଙ୍କ ପାଖରେ ଟିକେ ବି ସମୟ ନଥିଲା ସିଫନ୍ କଥା ବୁଝିବା ପାଇଁ ।

ଶ୍ରୀମୟ ଆଉ ଡେରି ନ କରି ବାହାରି ପଡ଼ିଲେ, ବାଟରେ ଏକ ବଡ଼ ଧରଣର ଦୁର୍ଘଟଣା ଅଳ୍ପ ସମୟ ପୂର୍ବରୁ ଘଟି ଯାଇଥିଲା । ପ୍ରବଳ ଲୋକଗହଳି ଥାଏ, ରାସ୍ତା ପୂରାପୂରି ଜାମ୍ ଥାଏ । ଶ୍ରୀମୟଙ୍କର ମନ କାହିଁକି କେଜାଣି ଏକ ଅଜଣା ଅହେତୁକ ଭାବନାରେ ଆନ୍ଦୋଳିତ ହେଉଥାଏ । ସକାଳ ସମୟରୁ ତାଙ୍କୁ ଯେପରି ଏକ ଛାୟା ଜାବୁଡ଼ି ଧରିଲା ଭଳି ଲାଗୁଛି । ଅତି ସକାଳୁ ଉଠି ସେ ପ୍ରଥମେ ବଗିଚାରେ ବୁଲନ୍ତି । ସେ ଫୁଲମାନଙ୍କୁ ବହୁତ ଭଲ ପାଆନ୍ତି । ନିଜେ ବିଭିନ୍ନ ପ୍ରକାରର ଫୁଲଗଛ ସଂଗ୍ରହ କରି ନିଜ ହାତରେ ଅତି ଯତ୍ନରେ ସେ ତାଙ୍କ ବଗିଚାରେ ଲଗାଇଛନ୍ତି । ନିରୋଳା ସମୟରେ ଫୁଲମାନଙ୍କ ଗହଣରେ ସେ ବିଚରଣ କରନ୍ତି । ଭାବୁକ ପାଲଟି ଯାଆନ୍ତି । କିଛି ସମୟ ପାଇଁ ଜଞ୍ଜାଳଗ୍ରସ୍ତ ଓ କର୍ମମୟ ଜୀବନରୁ ଆଉ ଏକ ଦୁନିଆକୁ ଚାଲିଯାନ୍ତି । ମନ ଭିତରେ ଥିବା ଦୁଃଖ ଓ ଗ୍ଲାନିକୁ ଭୁଲି ଯାଆନ୍ତି । ଆଜି ସକାଳୁ ସେ ବଗିଚାରୁ ଫୁଲ ତୋଳି ଠାକୁର ପୂଜା କଲେ । ନିଜ ଅଜାଣତରେ ସେ ନିଜ ଅଭ୍ୟନ୍ତରରେ ଏକପ୍ରକାର ପୁଲକ ଅନୁଭବ କରିଥିଲେ । ଠାକୁରଙ୍କ ପାଖରେ ଦୀପ ଜାଳି ପ୍ରଣତି ଜଣାଇ ଥିଲେ । ଆଜି ଦିନଟା ଭଲରେ କଟିଯାଉ ବୋଲି । ଯାହା ହେଉ ଧୀରେ ଧୀରେ ଦୁର୍ଘଟଣା ଘଟିଥିବା ସ୍ଥାନରୁ ଲୋକଗହଳି କମିବାରେ ଲାଗିଲା । ଶ୍ରୀମୟ ନିଜେ ଗାଡ଼ି ଡ୍ରାଇଭିଂ କରୁଥିଲେ, ଖୁବ୍ ଶୀଘ୍ର ଯାଇ ମେଡ଼ିକାଲରେ ପହଞ୍ଚିଗଲେ । ତାଙ୍କ ରୁମ୍‌ରେ ପହଞ୍ଚିଲା ପରେ ଏକ ଲମ୍ବା ଦୀର୍ଘଶ୍ୱାସ ନେଲେ । ସେତେବେଳକୁ କାନ୍ଥ ଘଣ୍ଟାରେ ଦିନ ଦଶଟା ବାଜିବାର ସୂଚନା । ସେ ଆଉ ବିଳମ୍ବ ନ କରି ଆପ୍ରୋନ୍ ବଦଳାଇ, ହାତରେ ଗ୍ଲୋବ୍‌ସ ପିନ୍ଧି ଅପରେସନ୍ ଥିଏଟରକୁ ପ୍ରବେଶ କଲେ । ବଣ୍ଡ୍ ପେପରଟିକୁ ଦେଖିଲା